# ତହସିଲଦାରଙ୍କ କାର୍ଯ୍ୟାଳୟ, ଯାମଦା, ମୟୁରଭଞ୍ଜ

**ପତ୍ର ସଂଖ୍ୟା.-859/ତା.-13.04.2021//**

---

## <u>ଦୀର୍ଘ ମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର</u>

ଏତଦ୍ବାରା ସର୍ବସାଧାରଣଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ଲଘୁ ଖଣିଜ ରିହାତି ଆଇନ (OMMC Rules 2016) ନିମାନୁଯାୟୀ, ଓଡିଶା ସରକାରଙ୍କ ରାଜସ୍ବ ବିଭାଗ ଅଧିନସ୍ଥ ମୟୁରଭଂଜ ଜିଲ୍ଲା ଯାମଦା ତହସିଲ ଅନ୍ତରର୍ଗତ 3 ଗୋଟି ସୈରାତ ଉତ୍ସ (ପଥର ଖାଦାନ) ଗୁଡିକର ଆସନ୍ତା 5 (ପାଂଚ) ବର୍ଷ ନିମନ୍ତେ ଲିଜ ପାଇଁ ନାମ୍ନ ସାରଣୀ ମୁତାବକ ତହସିଲଦାର, ଯାମଦା ଙ୍କ ଦ୍ବାରା ନିଲାମ କରାଯିବ । ଇଚ୍ଛୁକ ବକ୍ତି ବିଶେଷ OMMC Rules 2016 ର **<u>Form-M (3copies)</u>** ପୂରଣ କରି, ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା Sealed Cover ରେ ଆବେଦନ କରୁଥିବା ଉତ୍ସର ନାମ ଓ ସୈରାତ କେସ୍ ନମ୍ବର ଉଲ୍ଲେଖ କରି Registered Post/ Speed Post ଜରିଆରେ ଯାମଦା ତହସିଲଦାର ଙ୍କ କାର୍ଯାଳୟ ଠିକଣାରେ ଥିବା ଜଉମୁଦ ଦିଆ ଟେଣ୍ଡର ବକ୍ସରେ ଆସନ୍ତା ତା 16.04.2021 ରିଖ ଠାରୁ ତା. 29.04.2021ରିଖ ଅପରାହ୍ନ 1.00 ଘଟିକା ମଧ୍ଯରେ (ଛୁଟି ଦିନ ବ୍ୟତୀତ) ପକାଇ ପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌମସି ଦରଖାସ୍ତ ଗ୍ରହଣୀୟ ନୁହେଁ । ତା 30.04.2021 ରିଖ 02 ଘଟିକା ସମୟରେ ଲିଜ ଦରଖାସ୍ତକାରୀ / ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯାଇ ଲିଜ ଚୁଡାନ୍ତ କରାଯିବ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରାଯିବ ।

### <u>ଆବଶ୍ୟକୀୟ ଦସ୍ତାବିଜ୍</u>

1. ଦରଖାସ୍ତ ଫି ବାବଦକୁ ଟ.1,000/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ (Head of Account – 0853 – 102 – 0217- 02021 Non-Ferrous Mining and Metallurgical Industries – Miner Concession Fees, Rents and Royalties) ଜମା କିରବାକଗୁ ପଡିବ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
2. ଦରଖାସ୍ତକରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ **<u>ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ</u>** ।
3. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା **<u>ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣ ମୂଲ୍ୟର 18 ମାସ ବୈଧତା ଥିବା ବ୍ୟାଙ୍କ ପ୍ରତ୍ୟାଭୂତି</u>** (Bank Guarantee) କିମ୍ବା **18 ମାସ ପର୍ଯ୍ୟନ୍ତ ବୈଧ ଥିବା ରାଜସ୍ବ ଅଧିକାରୀଙ୍କ ଠାରୁ ପ୍ରାପ୍ତ** Solvency Certificate ଆବେଦନ ସହିତ ଦାଖଲ କରିବାକୁ ହେବ ।
   Bank Guarantee = (MGQ of that Quarry for 1st year)*(Offered Additional Charge + Royalty)
4. ପ୍ରାଧିକୃତ ରାଜସ୍ବ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା **<u>ଆବେଦନ କାରୀଙ୍କ ସ୍ଥାବର ସମ୍ପତ୍ତିର</u>** (Immovable Property) ତାଲିକା
5. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ନିର୍ଦ୍ଧାରିତ **ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା 5 ଭାଗ EMD** (Earnest Money) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକୃତ ବା Pledged ବ୍ୟାଙ୍କ ଡ୍ରାଫ୍ଟ ।
   **[EMD = 5% of {(MGQ of that Quarry for 1st year)*( additional charge + Royalty)}]**

### <u>ସର୍ତ୍ତାବଳୀ</u>

1. ଆବେଦନକୀରୀ ମାନେ OMMC Rules 2016 & Amendment Rules there after ର ପରିସର ଭୁକ୍ତ ରହିବେ ଏବଂ ତତ୍ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନବାକୁ ବାଧ୍ଯ ହେବେ ।
2. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟାବେକ୍ଷଣ କରି ଲିଜରେ ଭାଗନେବେ । ଲିଜ ନେବା ପରେ ସଇରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।